# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 15th September – 2025

******************************

## ମୁଖ୍ୟ ସମ୍ବାଦ

- ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟଭାବେ ପରିଣତ ହୋଇପାରିଛି; କହିଲେ ମୁଖ୍ୟମନ୍ତ୍ରୀ

– ୨୭ଟି ନୂତନ ଶିଳ୍ପ ପ୍ରକଳ୍ପର କଲେ ଭିତ୍ତିପ୍ରସ୍ତର ସ୍ଥାପନ

- ରାଜ୍ୟସ୍ତରୀୟ ନିଯୁକ୍ତିମେଳାରେ ଆଜି ୧ ହଜାର ୬୮୬ ଜଣଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରିବେ ମୁଖ୍ୟମନ୍ତ୍ରୀ

- ବ୍ୟବସାୟୀଙ୍କ କ୍ଷେତ୍ରରେ ଆଜିଠାରୁ ୟୁପିଆଇ ଟ୍ରାଞ୍ଜାକସନ୍ ସୀମା ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି

ଏବଂ

- 'ଡିପ୍ ଟେକ୍ ଓ ଯାନ୍ତ୍ରିକ ଉତ୍କର୍ଷତା' ବିଷୟକୁ ନେଇ ଆଜି ପାଳନ କରାଯାଉଛି ଇଞ୍ଜିନିୟର୍ସ ଡେ'

# ମୁଖ୍ୟମନ୍ତ୍ରୀ– ଭିତ୍ତିପ୍ରସ୍ତର ସ୍ଥାପନ

ରାଜ୍ୟ ସରକାରଙ୍କ ନୀତି, ନିଷ୍ଠା ଓ ଉଦ୍ୟମ ବଳରେ ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟଭାବେ ପରିଣତ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୨୭ଟି ନୂତନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ଶିଳ୍ପଗୁଡ଼ିକରେ ୨୫ ହଜାର ୩୮୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବ। ଏହାଦ୍ୱାରା ୫୨ ହଜାର ୮୨୬ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଆଜିକୁ ମିଶାଇ ଏ ପର୍ଯ୍ୟନ୍ତ ରାଜ୍ୟର ୨୭ଟି ଜିଲ୍ଲାରେ ଶିଳ୍ପ ପ୍ରକଳ୍ପଗୁଡ଼ିକର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ରାଜ୍ୟକୁ ଶିଳ୍ପ କ୍ଷେତ୍ରରେ ଏକ ସମ୍ଭାବନାର ରାଜ୍ୟରେ ପରିଣତ କରିବା ଦିଗରେ ପ୍ରୟାସ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ଗତ ୧୫ ମାସ ମଧ୍ୟରେ ୨୬୯ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରି ଦେଇଛନ୍ତି। ଏହାଦ୍ୱାରା ୫ ଲକ୍ଷ ୬୦ ହଜାର କୋଟିଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩ ଲକ୍ଷ ୬୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

Desk

# ନିଯୁକ୍ତି ମେଳା

ଭୁବନେଶ୍ୱର ୟୁନିଟ୍-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଆଜି ରାଜ୍ୟସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏଥିରେ ଯୋଗଦେଇ ୭ଟି ବିଭାଗ ପାଇଁ ମନୋନୀତ ହୋଇଥିବା ୧ହଜାର ୬୮୬ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରିବେ । କୃଷି ବିଭାଗରେ ୩୪ ଜଣଙ୍କୁ, ଅର୍ଥ ବିଭାଗରେ ୬୧, ଜଳସମ୍ପଦ ବିଭାଗରେ ୪୧୩, ଆଇନ ବିଭାଗରେ ୩୭, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗରେ ୨୩, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୯୮୨ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୩୬ ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ।

HS

## ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ବାରିପଦାର ସହିଦ ସ୍ମୃତି ଭବନରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ଶିକ୍ଷାନୀତି ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ,

ଲୋକସଭା ସାଂସଦ ନବଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

Desk

## ୟୁପିଆଇ ଟ୍ରାଞ୍ଜାକସନ୍

ୟୁପିଆଇ ଟ୍ରାଞ୍ଜାକସନ୍ ସୀମା ବ୍ୟବସାୟୀଙ୍କ କ୍ଷେତ୍ରରେ ଆଜିଠାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ଏହାଦ୍ୱାରା ୟୁପିଆଇ ବ୍ୟବହାରକାରୀ ଉପଭୋକ୍ତାମାନେ ବଡ଼ ଦେଣନେଣ କରିପାରିବେ । ଏଥିସହ କ୍ୟାପିଟାଲ ମାର୍କେଟରେ ନିବେଶ ଓ ବୀମା ପ୍ରିମିୟମ ଦେୟର ସୀମା ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି । ୟୁପିଆଇ ମାଧ୍ୟମରେ ଗହଣା କ୍ରୟର ସୀମା ୧ ଲକ୍ଷ ଟଙ୍କାରୁ ବୃଦ୍ଧି ପାଇ ୨ ଲକ୍ଷ ଟଙ୍କା କରାଯାଇଛି । ମାତ୍ର ବ୍ୟକ୍ତିଠାରୁ ବ୍ୟକ୍ତି- ପର୍ସନ ଟୁ ପର୍ସନ ଦେୟର ଦୈନିକ ସୀମା ୧ ଲକ୍ଷ ଟଙ୍କା ଅପରିବର୍ତ୍ତିତ ରହିଛି ।

Baragarh/R/V

## ଚାଷୀ ନାମ ପଞ୍ଜୀକରଣ

ସେବା ଏବଂ ସୁଶାସନ ତଥା ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ କେନ୍ଦ୍ର ସରକାର ଜନକଲ୍ୟାଣ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ପରିବର୍ତ୍ତନ ଓ ପ୍ରଗତିର ଶାସନ ବ୍ୟବସ୍ଥା ଆଣିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି । କେନ୍ଦ୍ର ସରକାର ସବୁବେଳେ ଗରିବ, କୃଷକ, ଯୁବ ଏବଂ

ମହିଳାଙ୍କ ବିକାଶ ପାଇଁ ବହୁବିଧ ଯୋଜନା ପ୍ରଣୟନ କରିବା ସହ ପ୍ରୟାସ ଜାରି ରଖିଛନ୍ତି। ସେବା ପର୍ବରେ ଏହି କ୍ରମରେ ଆଜି ପ୍ରସ୍ତୁତ କରୁଛୁ ବରଗଡ଼ ଜିଲ୍ଲାର ଚାଷୀମାନଙ୍କ ବିକାଶ କଥା।

ଜିଲ୍ଲାରେ କୃଷି ଓ କୃଷକଙ୍କ ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହେଉଛି। କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଦୁଗ୍ଧ ଉତ୍ପାଦନ ଆଦି କ୍ଷେତ୍ରରେ ଜିଲ୍ଲାର ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ଲାଭ ପାଉଛନ୍ତି। ଏଥିସହ ସେମାନଙ୍କର ଆର୍ଥିକ ବିକାଶ ହୋଇପାରୁଛି। ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ରିପୋର୍ଟ...

**- V/O -**

Desk/HS

# ଇଞ୍ଜିନିୟର୍ସ ଦିବସ

ଦେଶରେ ଯନ୍ତ୍ରୀମାନଙ୍କ ଅବଦାନକୁ ସ୍ମରଣ କରି ଆଜି ଇଞ୍ଜିନିୟର୍ସ ଦିବସ ପାଳନ କରାଯାଉଛି । ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟାଙ୍କ ଜନ୍ମ ଦିବସ ଅବସରରେ ପ୍ରତିବର୍ଷ ସେପ୍ଟେମ୍ବର ୧୫ ତାରିଖକୁ ଇଞ୍ଜିନିୟର୍ସ ଦିବସ ଭାବେ ପାଳନ କରାଯାଇଥାଏ । ସାର୍ ବିଶ୍ୱେଶ୍ୱରାୟା ତାଙ୍କର ନିଷ୍ଠା, କାର୍ଯ୍ୟଦକ୍ଷତା, ସାଧୁତା, କାର୍ଯ୍ୟକୁଶଳତା ଏବଂ ସମୟାନୁବର୍ତ୍ତିତା

ପାଇଁ ସଫଳତାର ଶୀର୍ଷରେ ପହଞ୍ଚି ପାରିଥିଲେ । ୧୯୫୫ ମସିହାରେ ଭାରତ ସରକାର ତାଙ୍କୁ ଭାରତରତ୍ନ ଉପାଧିରେ ଭୂଷିତ କରିଥିଲେ । 'ଡିପ୍ ଟେକ୍ ଓ ଯାନ୍ତ୍ରିକ ଉତ୍କର୍ଷତା' ଭାରତର ଟେକ୍ଏଡ୍‌କୁ ଆଗକୁ ବଢ଼ାଇବା ବିଷୟକୁ ନେଇ ଆଜି ଏହି ଦିବସ ପାଳନ କରାଯାଉଛି ।

ଇଞ୍ଜିନିୟର ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏମ୍.ବିଶ୍ୱେଶ୍ୱରାୟଙ୍କ ଅବଦାନକୁ ସ୍ମରଣ କରିଛନ୍ତି। ଇଞ୍ଜିନିୟରମାନଙ୍କ ସୃଜନଶୀଳତା ଓ ଦୃଢ଼ ସଂକଳ୍ପ ମାଧ୍ୟମରେ ନିରନ୍ତର ନୂତନ ଆବିଷ୍କାର ହେଉଛି ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।

Desk

# ଦୂରଦର୍ଶନ-ଫାଉଣ୍ଡେସନ

ଦୂରଦର୍ଶନ ଆଜି ସଫଳ ଜୟଯାତ୍ରାର ୬୬ ବର୍ଷ ପୂରଣ କରିଛି । ୧୯୫୯ ମସିହା ସେପ୍ଟେମ୍ବର ମାସ ଆଜିର ଦିନରେ ଭାରତରେ ଦୂରଦର୍ଶନ ଜରିଆରେ ପ୍ରସାରଣର ନୂତନ ଯୁଗ ଆରମ୍ଭ ହୋଇଥିଲା । ୧୯୭୫ ମସିହା ପର୍ଯ୍ୟନ୍ତ ଦୂରଦର୍ଶନ, ଆକାଶବାଣୀର ଏକ ଅଂଶ ଭାବେ କାର୍ଯ୍ୟ କରୁଥିଲା । ୧୯୭୬ ମସିହା ଏପ୍ରିଲ୍ ୧ ତାରିଖରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନରେ ଏକ ସ୍ୱତନ୍ତ୍ର ଓ୍ୱିଙ୍ଗ୍ ଭାବେ ଦୂରଦର୍ଶନ

କାର୍ଯ୍ୟ କରିବା ସହ ପରେ ପ୍ରସାର ଭାରତୀ ଅଧୀନକୁ ଆସିଥିଲା । ଆଜିର ଦିନରେ ଦୂରଦର୍ଶନ ଭାରତର ବୃହତ ପ୍ରସାରଣକାରୀ ସଂସ୍ଥା ଭାବେ ଖ୍ୟାତି ଅର୍ଜନ କରିଛି । ସଂଖ୍ୟାଧିକ ଷ୍ଟୁଡିଓ ଓ ଟ୍ରାନ୍ସମିଟର ଜରିଆରେ ଦେଶର ସବୁଭାଗରେ ଦୂରଦର୍ଶନର ପ୍ରସାରଣ ପହଞ୍ଚି ପାରିଛି । ଏକ ସଙ୍ଗେ ଟେଲିଭିଜନ, ଅନ୍‌ଲାଇନ୍, ମୋବାଇଲ୍ ସେବାରେ ଉଭୟ ଗ୍ରାମାଞ୍ଚଳ, ସହରାଞ୍ଚଳ ଓ ଅନ୍ତର୍ଜାତୀୟ ସ୍ତରରେ ଦୂରଦର୍ଶନର ପ୍ରସାରଣ ଉପଲବ୍ଧ ହେଉଛି ।

Puri

## ଶ୍ରୀମନ୍ଦିର- ସବ୍‌କମିଟି ଗଠନ

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦୈନିକ ନୀତିକାନ୍ତିକୁ ଶୃଙ୍ଖଳିତ କରିବାକୁ ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଅନୁଯାୟୀ ସବ୍‌କମିଟି ଗଠନ କରାଯାଇଛି । ଏହି କମିଟିରେ ମୋଟ ୧୮ ଜଣ ସଦସ୍ୟ ଅଛନ୍ତି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପଦ ପ୍ରଯୁକ୍ତ ଅଧ୍ୟକ୍ଷ ରହିଥିବା ବେଳେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ନିମନ୍ତ୍ରିତ ପଦ ପ୍ରଯୁକ୍ତ ସଭ୍ୟ, ଶ୍ରୀମନ୍ଦିର ନୀତି ପ୍ରଶାସକ’ ପଦ ପ୍ରଯୁକ୍ତ ଆବାହକ ଭାବେ ରହିଛନ୍ତି ।

Desk

## ହବିଷ୍ୟାଳୀ ବ୍ରତ

ଶ୍ରୀକ୍ଷେତ୍ର ପୁରୀରେ ପବିତ୍ର କାର୍ତ୍ତିକ ମାସରେ ରାଇଦାମଦୋର ବ୍ରତ ପାଳନ କରିବା ପାଇଁ ରାଜ୍ୟ ସରକାର ହବିଷ୍ୟାଳୀମାନଙ୍କ ପାଇଁ ବିଭିନ୍ନ ବ୍ୟବସ୍ଥା କରିଛନ୍ତି । ଚଳିତ ବର୍ଷ ଏହି ବ୍ରତ ପାଳନ ପାଇଁ ଆଗ୍ରହୀ

ହବିଷ୍ୟାଳୀମାନେ ଆସନ୍ତା ୧୯ ତାରିଖ ଦିନ ସକାଳ ୧୦ଟାରୁ ଅନଲାଇନ୍ ମାଧ୍ୟମରେ ନାମପଞ୍ଜୀକରଣ କରିପାରିବେ। edistrict.odisha.gov.in ମାଧ୍ୟମରେ ନିଜ ନାମ ପଞ୍ଜୀକରଣ କରିପାରିବେ ବୋଲି ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ କୁହାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ହବିଷ୍ୟାଳୀଙ୍କ ରହଣି, ଶ୍ରୀଜୀଉଙ୍କ ଦର୍ଶନ, ମହାପ୍ରସାଦ ସେବନ ପାଇଁ ସହାୟତା କରାଯାଉଛି।

BHK

## ଦୁର୍ଗାପୂଜା ନୀତିକାନ୍ତି

ଶାରଦୀୟ ଦୁର୍ଗା ପୂଜାର ଷୋଳଶ ଉପଚାର ନୀତିର ଆଜି ଦ୍ୱିତୀୟ ଦିନରେ ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ମା'ଙ୍କର ପୂଜା ଚାଲିଛି।

ଭଦ୍ରକ ଜିଲ୍ଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କପୀଠରେ ଥିବା ମା' ଜୟଦୁର୍ଗାଙ୍କ ନିକଟରେ ଷୋଡ଼ଶ ଉପଚାର ପୂଜାର୍ଚ୍ଚନା ନୀତିକାନ୍ତି ଆରମ୍ଭ ହୋଇଛି। ଦେବୀଙ୍କ ପୂଜାରେ ମଙ୍ଗଳା ଆଳତୀ, ହଳଦୀ ପଞ୍ଚାମୃତ ସ୍ନାନ, ଚଣ୍ଡୀପାଠ ଆଦି ଅନୁଷ୍ଠିତ ହେଉଛି। ମା' କଟକ ଚଣ୍ଡୀଙ୍କ ପୀଠରେ ମଧ୍ୟ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି।

Nayagarh

## ମା' ପାଇଁ ଗଛଟିଏ

ନୟାଗଡ଼ ଜିଲ୍ଲାରେ ସେବାପକ୍ଷ ତଥା ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା

ବୁଧବାରଠାରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯିବାକୁ ବୈଠକରେ ସ୍ଥିର ହୋଇଛି ।

MET

# ପାଣିପାଗ

ବଙ୍ଗୋପସାଗରରେ ଆସନ୍ତା ୧୯ ତାରିଖ ସୁଦ୍ଧା ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟରେ ବର୍ଷାଲାଗିରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି, ଘଡ଼ଘଡି ସହ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦେଶରୁ ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆରମ୍ଭ କରିଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

*********************************